RESEARCH ARTICLE

INDIAN JOURNAL OF
MULTILINGUAL RESEARCH AND DEVELOPMENT

DOI: 10.34256/ijmrd2121

# The Origin and Development of Chhau Dance in Eastern India

# ଉତ୍ତର ଭାରତରେ ଛଉନୃତ୍ୟର ଉଦ୍ଭବ ଓ ବିକାଶ

**Bijayalaxmi Dash** [a,*]

[a] Department of Odia, Ravenshaw University, Odisha 753003, India
*Corresponding author Email: rudrabijayalaxmi@gmail.com
DOI: https://doi.org/10.34256/ijmrd2121
Received: 27-04-2021; Accepted: 06-06-2021 Published: 07-06-2021

**Abstract:** Among the new Classical dance and dance dramas like Bharatanatyam, Lavni, Bihu, Kathak, Kuchipuri, Kathakali, Odissi and few more Chhau the Wonderful mask dance of Eastern India are Completely Unique in Various point of View. In this paper I have discussed the Origin, Development, Types of Chhau Dance and the basic differences between Mayurbhanja chhau, Sareikala Chhau and Purulia Chhau.

**Keywords:** Classical Dance, Mayurbhanja Chhau, Purulia Chhau, Sareikala Chhau, Mask dance

**Language:** Odia

## About the Author



**Dr. Bijayalaxmi Dash Ph.D** currently working as a lecturer in the P.G Department of Odia, Ravenshaw University, Cuttack. Completed her B.A. and M.A (Oriya) with first-classs from Ravenshaw College, Cuttack affiliated to Utkal University Odisha. Obtained her M.Phil with specialization in Modern Poetry from Ravenshaw College and was awarded a Ph.D. in 2011 by Utkal University, Vani Vihar, Bhubaneswar, Odisha. She is interested in the study of Language & Modern Literature, and the Study of Folk Culture and Literature.

(୧)

ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ 'ଛଉନାଚ' ର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । 'ଛଉ' ଏକ ପ୍ରାଚୀନ ନୃତ୍ୟ ବିଶେଷ । 'ଛଉନାଚ' ଭାରତୀୟ ଲୋକନାଟ୍ୟ ପରମ୍ପରାକୁ ଓଡ଼ିଶାର ଏକ ବିଶିଷ୍ଟ ଅବଦାନ । ଭାରତବର୍ଷର ତିନିଗୋଟି ଅଞ୍ଚଳରେ ଛଉନାଚ ଦେଖିବାକୁ ମିଳେ । ଓଡ଼ିଶାର ମୟୂରଭଞ୍ଜ, ପଶ୍ଚିମବଂଗର ପୁରୁଲିଆ ଓ ବିହାରର ଷଢ଼େଇକଳା । ଏହି ତିନିଗୋଟି ସ୍ଥାନରେ ସ୍ୱତନ୍ତ୍ର ଶୈଳୀରେ ଛଉନାଚ ପରିବେଷଣ କରାଯାଏ । ମୟୂରଭଞ୍ଜ ଛଉରେ ମୁଖା କି ମେଢ଼ ବ୍ୟବହାର କରାଯାଏ ନାହିଁ । ପୁରୁଲିଆ ଛଉରେ ମୁଖା ଓ ମେଢ଼ ଉଭୟର ବ୍ୟବହାର କରାଯାଏ । ଷଢ଼େଇକଳା ଛଉରେ କେବଳ ମୁହଁରେ ମୁଖା ବ୍ୟବହାର କରାଯାଏ । ଛଉନାଚର ଉତ୍ପତ୍ତି ଓ ବିକାଶକୁ ନେଇ ଭିନ୍ନଭିନ୍ନ ମତପ୍ରକାଶ ପାଏ । 'ଛଉ' ଶବ୍ଦ 'ଛାଉଣୀ' , 'ଛଦ୍ମ' , 'ଛାୟା' ଶବ୍ଦରୁ ସୃଷ୍ଟି ବୋଲି କୁହାଯାଇଛି ।[୧] ମୟୂରଭଞ୍ଜର ଛଉ – ଛାଉଣୀ, ପୁରୁଲିଆ ଛଉ-ଛଦ୍ମ, ଷଢ଼େଇକଳା ଛଉ-ଛାୟା ଶବ୍ଦରୁ ସୃଷ୍ଟ । ଷଢ଼େଇକଳା ଓ ପୁରୁଲିଆ ଛଉରେ ଛଅ ପ୍ରକାର ମୁଖା, ଯଥା – ୧. ଦେବତା ମୁଖା, ୨. ଦାନବ ମୁଖା, ୩. ମାନବ ମୁଖା, ୪. ପିଶାଚ ମୁଖା, ୫. ଯକ୍ଷ ମୁଖା, ୬. କିନ୍ନର ମୁଖା ବ୍ୟବହାର କରାଯାଏ । ବର୍ତ୍ତମାନ ଏହି ତିନୋଟି ଅଞ୍ଚଳରେ ପ୍ରଦର୍ଶିତ ତିନି ପ୍ରକାରର ଛଉ ନୃତ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରିବା ।

(୨)

### ଛଉର ପ୍ରକାର ଭେଦ :

ମୟୂରଭଞ୍ଜ ଶୈଳୀରେ ମୁଖା ବ୍ୟବହାର କରାଯାଏ ନାହିଁ । ନୃତ୍ୟଶିଳ୍ପୀ ଦୃଷ୍ଟିଭଙ୍ଗୀ, ଶିରଭଙ୍ଗୀ ଓ ମୁଖମଣ୍ଡଳର ବିଭିନ୍ନ ଭଙ୍ଗୀ ମାଧ୍ୟମରେ ଭାବବ୍ୟକ୍ତ କରିଥାଆନ୍ତି । ନୃତ୍ୟର ବିଷୟବସ୍ତୁ ରୌଦ୍ର, ବୀର, ହାସ୍ୟ, ଶାନ୍ତ ଓ ବାତ୍ସଲ୍ୟ ରସାତ୍ମକ ରସ ଆଧାରରେ ପ୍ରତ୍ୟେକ ନାଚର ବାଦ୍ୟ ମଧ୍ୟ ସ୍ୱତନ୍ତ୍ର ହୋଇଥାଏ । ମୟୂରଭଞ୍ଜ ଶୈଳୀର ବିଷୟବସ୍ତୁର ଉପସ୍ଥାପନ ପରେ ମିଳନାତ୍ମକ ବା 'ନାଟକୀ' ନାମକ ଏକ ଅତି ଦ୍ରୁତ ପର୍ଯ୍ୟାୟରେ ନୃତ୍ୟ ପ୍ରଦର୍ଶନ କରାଯାଏ । ଏହି ଶୈଳୀର ବାଦ୍ୟ ଓ ସଂଗୀତରେ ଝୁମର ସଂଗୀତର ପାଁତାଶାଳିଆ, ଉଡ଼ାଖାଁଡ଼ିଆ, ଝିଂଗାଫୁଲିଆ, ରସରସିଆ ଭଳି ଦ୍ରୁତ ତଥା ଅତିଦ୍ରୁତ ସଂଗୀତ ବ୍ୟବହାର କରାଯାଏ । ମୟୂରଭଞ୍ଜ

ଛଉନୃତ୍ୟ ସାମାଜିକ, ପୌରାଣିକ ଓ ଐତିହାସିକ ବିଷୟବସ୍ତୁ ଉପରେ ଆଧାରିତ । ଏହି କଥାବସ୍ତୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ପରିବେଷଣ କରାଯାଏ । ନୃତ୍ୟକାରୀମାନେ କାହାଣୀ ବର୍ଣ୍ଣିତ ଚରିତ୍ରର ବେଶଭୂଷାରେ ସଜେଇ ହୋଇଥାନ୍ତି ।

ଷଢ଼େଇକଳା ଓ ପୁରୁଲିଆ ଛଉରେ ମୁଖା ବ୍ୟବହାର କରାଯାଉଥିବାରୁ ମୁଖମଣ୍ଡଳ ଭଙ୍ଗୀ ଉପରେ ଗୁରୁତ୍ୱ ଦିଆଯାଏ ନାହିଁ । ନାଚର କଥାବସ୍ତୁ ସହିତ ନାଚ ଏକା ସମୟରେ ଶେଷ ହୋଇଥାଏ । ଷଢ଼େଇକଳା ଛଉରେ ଯଦିଓ ମୟୂରଭଞ୍ଜ ଛଉ ପରି ସାମାଜିକ, ପୌରାଣିକ ଓ ଐତିହାସିକ ବିଷୟ ଉପରେ ଗୁରୁତ୍ୱ ଦିଆଯାଏ, କିନ୍ତୁ ପୁରୁଲିଆ ଛଉରେ ପ୍ରାୟତଃ ପୌରାଣିକ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଏ । ପୁରୁଲିଆ ଛଉରେ କାହାଣୀଗତ ଜଟିଳତା ଥିବାରୁ ଏହାର ସମୟସୀମା ଦୀର୍ଘତର ହୋଇଥାଏ । ଷଢେଇକଳା ଛଉରେ ନିର୍ଦ୍ଦିଷ୍ଟ ଚରିତ୍ରର ପୋଷାକରେ ସଂପୂର୍ଣ୍ଣ ଶରୀରକୁ ଢାଙ୍କି ସେ ଚରିତ୍ରର ଚାରିତ୍ରିକ ବିଶେଷତ୍ୱକୁ ମଞ୍ଚ ଉପରେ ଅଭିବ୍ୟକ୍ତ କରାଯାଇଥାଏ । ପୁରୁଲିଆ ଓ ଷଢ଼େଇକଳା ଛଉରେ ବ୍ୟବହୃତ କେତୋଟି ସ୍ୱତନ୍ତ୍ର ପଦାର୍ଥ ଯାହାକି ଏହାର ସ୍ୱାତନ୍ତ୍ୟ ଦର୍ଶାଇଥାଏ । ସେଗୁଡ଼ିକ ହେଉଛି – (କ) ଝୁମ୍ପା, (ଖ) ଟାଇରା, (ଗ) ଟାଇରିଂ, (ଘ) ଝୁଲଣ, (ଙ) କଣ୍ଠି, (ଚ) ପୁହୁଲା, (ଛ) କମର କସନୀ, (ଜ) ବସ୍ତ୍ର, (ଝ) ମୁଖା ।[୨]

- ଝୁମ୍ପା : ଗଛର ଡ଼ାଳ ଓ ଫୁଲକୁ କୁଟା ଦଉଡ଼ିରେ ଗୋଛା କରି ବାନ୍ଧି ଶିଳ୍ପୀମାନଙ୍କର ବେଶଭୂଷାରେ ବ୍ୟବହାର କରାଯାଏ ।
- ଟାଇର : ଏହା ଏକ ପ୍ରକାର ବଡ଼ ବଡ଼ ଫୁଲ । ଏହା ସୋଲରେ ତିଆରି । ଅଭିନୟ କରୁଥିବା ପୁରୁଷମାନେ ଏହାକୁ କାନରେ ବାନ୍ଧନ୍ତି । ସାଧାରଣତଃ 'ସୋଲ' ପବିତ୍ର ସୂଚକ ହୋଇଥିବାରୁ ବିବାହ ଭଳି ଶୁଭକର୍ମରେ ଏହା ବ୍ୟବହୃତ ହୋଇଥାଏ ।
- ଟାଇରିଂ : ଏହା ମଧ୍ୟ ସୋଲରେ ତିଆରି କରାଯାଇଥିବା ରଙ୍ଗବେରଙ୍ଗର ଫୁଲ । ଏହାକୁ ନାରୀ ଚରିତ୍ରରେ ଅଭିନୟ କରୁଥିବା କଳାକାରମାନେ ମୁଣ୍ଡଖୋସରେ ବ୍ୟବହାର କରିଥାନ୍ତି ।
- ଝୁଲଣ : ନୃତ୍ୟକାରୀମାନଙ୍କ ପିଠିରେ ଝୁଲି ପଡ଼ିଥିବା ବସ୍ତ୍ରକୁ ଝୁଲଣ କୁହାଯାଏ ।
- କଣ୍ଠି : ମଣିବନ୍ଧ ଓ ବାହୁବନ୍ଧରେ ପିନ୍ଧାଯାଇଥାଏ । ଏହାକୁ କଣ୍ଠିମାଳ ମଧ୍ୟ କୁହାଯାଏ ।
- ପୁହୁଲା : ମଣିବନ୍ଧରେ ବ୍ୟବହୃତ ସୋଲରେ ତିଆରି ଅଳଙ୍କାର ।
- କମରକସନୀ : ଅଣ୍ଟାରେ ବନ୍ଧାଯାଇଥିବା ପଟି ଯାହାକି ପିନ୍ଧାବସ୍ତ୍ରକୁ ବାନ୍ଧିରଖେ ।
- ବସ୍ତ୍ର : ଧଳାଲୁଗାକୁ ଗେରୁମାଟିରେ ବିଭିନ୍ନ ରଙ୍ଗ ମିଶାଇ ରଂଗୀନ କରାଯାଉଥିଲା ।
- ମୁଖା : ମୟୂରଭଞ୍ଜ ଛଉରେ ଯଦିଓ ମୁଖା ବ୍ୟବହାର କରାଯାଏ ନାହିଁ କିନ୍ତୁ ସମୟେ ସମୟେ ପଶୁପକ୍ଷୀ, ଜୀବଜନ୍ତୁ, ଗରୁଡ଼ ଓ ନୃସିଂହ ପ୍ରଭୃତି ପୌରାଣିକ ଚରିତ୍ରର ମୁଖା ପିନ୍ଧିଥାଆନ୍ତି । ପୁରୁଲିଆ ଓ ଷଢେଇକଳା ଛଉ ନାଚରେ ପ୍ରତ୍ୟେକ ଚରିତ୍ରର ସ୍ୱତନ୍ତ୍ର ମୁଖା ରହିଥାଏ । ପୁରୁଲିଆ ଛଉର ମୁଖା ଆକାରରେ ବଡ଼ । ରଂଗବେରଙ୍ଗର । ଷଢେଇକଳା ଛଉର ମୁଖା ମାଧ୍ୟମରେ ମୁଖମଣ୍ଡଳ ଭାବ ପ୍ରକଟିତ ହୋଇଥାଏ ।

## ଛଉନୃତ୍ୟର ଇତିବୃତ୍ତ :

କିମ୍ବଦନ୍ତୀ କହେ, ମହାରାଜ କୃଷ୍ଣଚନ୍ଦ୍ର ଭଞ୍ଜ ଦିନେ ବାରିପଦା ଅମର୍ଦା ରାସ୍ତା ଦେଇ ଶିକାର ଉଦ୍ଦେଶ୍ୟରେ ଚିତ୍ରଡ଼ା ଜଙ୍ଗଲକୁ ଆସିଥାନ୍ତି । ପାରିଷଦବର୍ଗଙ୍କ ସହ ଜଙ୍ଗଲରେ ଆଲୋଚନା କରୁଥିବା ସମୟରେ ରାଜା ଦେଖିଲେ ଶହ ଶହ ସଂଖ୍ୟାରେ ତିତିରି ଚଢେଇ ଝରଣା ପାଣି ପିଇବାକୁ ଆସିଥାଆନ୍ତି । ରାଜା ସଂଗେ ସଂଗେ ଗୁଳି ଚଳାଇଲେ । ଚଢେଇ କେତୋଟି ଟଳିପଡ଼ିଲେ । ଏହି ସମୟରେ ମାଙ୍ଗାତ୍ ମହାନ୍ତ ବୋଲି ଜଙ୍ଗଲ ପାଖ ଗାଁ' ର ମୁଖିଆଳ ରାଜାଙ୍କ ପାଖକୁ ଆସିଲେ । ଚଢେଇ ମାରିବା ସମ୍ପର୍କରେ ପଚାରିଲେ । ଆକ୍ଷେପ କରି କହିଲେ - ନିରୀହ ଚଢେଇମାନେ ଭିତରୁ ହୁଏତ କାହାର ଅଣ୍ଡାଥିବ, କାହାର ଛୋଟ ଛୋଟ ଛୁଆ ଥିବେ । ମୋ ଜମି ଦେଇ ବହିଯାଉଥିବା ଝରଣାରୁ ସେମାନେ ପ୍ରତିଦିନ ପାଣିପିଅନ୍ତି । ପାଚିଲା ଧାନ ମୋର ଖାଆନ୍ତି । କିନ୍ତୁ ମୁଁ ସେମାନଙ୍କର କେବେ ଅନିଷ୍ଟ କରିନାହିଁ । ମାଙ୍ଗାତ୍ ମହାନ୍ତଙ୍କ କଥା ଶୁଣି ରାଜା ନିଜର ଭୁଲ୍ ବୁଝିପାରିଲେ । ସେଇ ଦିନଠାରୁ ଶିକାର ଛାଡ଼ିଦେଲେ । ଦୁଇଜଣଙ୍କ ଭିତରେ ବନ୍ଧୁତା ବଢ଼ିଲା । ରାଜା ତାଙ୍କ ଜମି ଉପରେ ଚଢେଇମାନଙ୍କର ପାଣି ପିଇବା ପାଇଁ ବନ୍ଧଟିଏ ଖୋଳାଇଲେ । ଗାଁ' ମୁଖିଆ ମାଙ୍ଗାତଙ୍କ ଅନୁରୋଧ ରକ୍ଷା କରି ରାଜା ବିଭିନ୍ନ ସମୟରେ ତାଙ୍କର ଅତିଥି ହେଲେ । ଗାଁ' ମୁଖିଆ ରାଜାଙ୍କର ମନୋରଂଜନ ପାଇଁ ବିଭିନ୍ନ ଆଞ୍ଚଳିକ ନାଚଗୀତ ମଧ୍ୟ କରାଇଲେ । ରାଜା ଏହା ଦେଖିବା ପରେ ଏହି ପ୍ରକାର ନାଚଗୀତ ଷଢେଇକଳାରେ ଦେଖିଥିବା କଥା ସେଠାରେ ଉପସ୍ଥିତ ଥିବା ରାମ ହରିଜିତ୍ ବେବର୍ତ୍ତା ବାବୁଙ୍କ ଆଗରେ ପ୍ରକାଶ କଲେ । ଷଢେଇକଳାର କେତେ ଜଣ ଓସ୍ତାଦ ଏହି ନାଚକୁ ପେଶା ଭାବରେ ଗ୍ରହଣ କରିଥିବା କଥା ମଧ୍ୟ ପ୍ରକାଶ କରନ୍ତି । ସମୟକ୍ରମେ ରାଜା ଷଢେଇକଳାରୁ ଓସ୍ତାଦ୍ ଉପେନ୍ଦ୍ର ବିଶ୍ୱାଳ ଓ ବନମାଳୀ ଦାଶଙ୍କୁ ନାଚ ଗୁରୁଭାବେ ନିଜ ରାଜ୍ୟକୁ ଆମନ୍ତ୍ରଣ କରିଆଣନ୍ତି । ଏହି ନାଚଗୁରୁଦ୍ୱୟ ଓ ମାଙ୍ଗାତ୍ ମହାନ୍ତଙ୍କ ପୂର୍ଣ୍ଣ ସହଯୋଗରେ ମୟୂରଭଞ୍ଜର ସମସ୍ତ ଆଞ୍ଚଳିକ ନାଚ ପରିମାର୍ଜିତ ହୁଏ । 'ଛଉ' ମଧ୍ୟ ଏହି ପରିମାର୍ଜନାର ପରିସରଭୁକ୍ତ ହୁଏ । ମୟୂରଭଞ୍ଜ ଛଉକୁ ଆକର୍ଷଣୀୟ କରିବା ପାଇଁ ମହାରାଜମାନେ ଲକବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କୁ ଏହାର ଛାଞ୍ଚ ତିଆରିରେ ନିଯୁକ୍ତ କରନ୍ତି । ଧୀରେ ଧୀରେ ଭାରତର କର୍ଣ୍ଣାଟକୀ ପଦ୍ଧତିର ଶାସ୍ତ୍ରୀୟ ସଂଗୀତ ଗୁରୁ, ଝୁମର ସଂଗୀତ ଗୁରୁ, ଆଞ୍ଚଳିକ ଲୋକଗୀତ ଓ ନୃତ୍ୟ ବିଶାରଦମାନଙ୍କର ସହଯୋଗ ଲାଭକରି 'ଛଉନାଚ' ସମଗ୍ର ଭାରତ ବର୍ଷରେ ନିଜର ସ୍ୱତନ୍ତ୍ର୍ୟ ଦେଖାଇବାରେ ସମର୍ଥ ହୋଇପାରିଛି । ରାଜପୃଷ୍ଠପୋଷକ ଏଇ ନାଚକୁ ସ୍ୱାତନ୍ତ୍ର୍ୟ ସ୍ୱୀକୃତି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ଛଉନୃତ୍ୟର ଉନ୍ମେଷ ସମ୍ପର୍କରେ ଶ୍ରୀ ଅତନୁ କବି ପୋଡ଼ାହାଟର ସିଂହବଂଶୀ ରାଜାମାନଙ୍କର ଇତିହାସ 'ବଂଶପ୍ରଭା ଲେଖନୀ' ନାମକ ଏକ ଅପ୍ରକାଶିତ ପୋଥିର କଥା ଉପରେ ଗୁରୁତ୍ୱ ଦେଇଛନ୍ତି । ରାଜବଂଶର ପର୍ବପୁରୁଷଗଣ ପ୍ରଥମେ ସୁମାତ୍ରାରୁ ରାମେଶ୍ୱରକୁ ଆସିଥିଲେ । ଏବଂ ରାମେଶ୍ୱରଠାରୁ ରାଷ୍ଟ୍ରକୂଟ, ମାରାବାଡ଼, କାନ୍ୟକୁବ୍ଦ ଏବଂ ଶ୍ରୀକ୍ଷେତ୍ର ହୋଇ ପୋଡ଼ାହାଟଠାରେ ପହଞ୍ôଚ ରାଜ୍ୟ ସ୍ଥାପନ କରିଅଛନ୍ତି । ଶାନ୍ତିନିକେତନରେ ଏକଦା କବିଗୁରୁ ରବୀନ୍ଦ୍ରନାଥଙ୍କ ସମ୍ମୁଖରେ ଷଢେଇକଳା ଛଉନାଚ, ପ୍ରଦର୍ଶିତ ହୋଇଛି । ଏହା ଦେଖିବା ପରେ ଭବିଗୁରୁ ଏହି ନାଚର ଜାଭା ସୁମାତ୍ରାର ପ୍ରଚଳିତ ଲୋକନୃତ୍ୟ ସହିତ ଏହାର ସମାନତା ଥିବା କଥା କହିଥିଲେ ।(୩)

ଏଥିରୁ ସ୍ପଷ୍ଟ ହୁଏ ଯେ, ଆଞ୍ଚଳିକ ସଂସ୍କୃତିର ସମନ୍ୱୟ ସାଧନ ନିମନ୍ତେ ଷଢେଇକଳା, ପୁରୁଲିଆ, ମୟୂରଭଞ୍ଜ ଛଉର ଅବଦାନ ସ୍ୱତନ୍ତ୍ର ।

## (୩)

ଛଉନାଚରେ ଛ' ଅଟି ଟବ୍କା ଓ ଛତିଶଟି ଉଫୁଲି ରହିଥାଏ । ଟବ୍କାଗୁଡ଼ିକ ହେଉଛି – ସାଦା ଟବ୍କା, ଢ଼େଉ ଟବ୍କା, ଉସ୍କା ଟବ୍କା, ମୁଡ଼ା ଟବ୍କା, ଲହରା ଟବ୍କା ଓ ଡୁବି ଟବ୍କା । କଳାକାରମାନଙ୍କର ଶରୀରର ଗତିବିଧି ଅନୁସାରେ ଟବ୍କାଗୁଡ଼ିକର ନାମକରଣ କରାଯାଇଛି । ଟବ୍କା ଓ ଉଫୁଲି ପ୍ରଦର୍ଶନ ପୂର୍ବରୁ ଛଉ ନାଚ ଶିଳ୍ପୀମାନଙ୍କୁ ଦୁଇଟି ବିଶେଷ ଭଙ୍ଗରରେ ପ୍ରସ୍ତୁତ ରହିବାକୁ ପଡ଼ିଥାଏ । ସେ ଭଙ୍ଗୀ ଦୁଇଟି ହେଉଛି 'ଛକ୍' ଓ 'ଧରନ' । 'ଛକ୍' ର ଅର୍ଥ – ଛଅପ୍ରକାର

ବିଶେଷ ଭଙ୍ଗୀରେ ଠିଆ ହେବା ଛଉ ନୃତ୍ୟଶିଳ୍ପୀ ଶରୀର ପ୍ରତ୍ୟେକ ଅଂଶକୁ ଏପରି ଭାବରେ ରଖେ ଯେ, ଯାହାଫଳରେ ଶରୀର ଛଅ କୋଣବିଶିଷ୍ଟ ହୁଏ । ନିଜର ଦୁଇପାଦକୁ ମଧ୍ୟ ସାମାନ୍ୟ ଦୂରତାରେ ରଖିବା ଫଳରେ ତାହା ମଧ୍ୟ ଛଅକୋଣ ସୃଷ୍ଟି କରେ । ଏହାକୁ 'ଛକ୍' କୁହାଯାଏ । ଧରମ୍ ମଧ୍ୟ ଏକ ପ୍ରକାର ଶରୀରଭଂଗୀ । ଏହି ଭଙ୍ଗୀରେ ବାମପଟ ପାଦକୁ ଢଳାଇ ଛାତିକୁ ସିଧା କରି ରଖାଯାଏ । ଯେମିତିକି କୃଷ୍ଣଙ୍କର ତ୍ରିଭଙ୍ଗୀ ଠାଣି, ଶିବଙ୍କର ତାଣ୍ଡବଭଙ୍ଗୀ ଶୈଳୀରେ ନୃତ୍ୟଶିଳ୍ପୀ ଠିଆ ହୋଇଥାଆନ୍ତି ।(୪)

ଛଉ ନାଚରେ ବ୍ୟବହୃତ ଶବ୍ଦର ଅର୍ଥ ବୁଝାଇବା ପାଇଁ ମୟୂରଭଞ୍ଜ ମହାରାଜ 'ବାରିପଦା' ଛଉରେଏକ ନାଚର ସଂଯୋଜନା କରିଥିଲେ । ନାଚର ନାମ ଥିଲା 'ଗଙ୍ଗା ଅବତରଣ' । ଗଙ୍ଗା ସ୍ୱର୍ଗରୁ ଅବତରିଛନ୍ତି ମହାଯୋଗୀ ମହାଦେବଙ୍କ ଜଟା ମଧ୍ୟକୁ । ଜଟାରୁ ପାଣିର ପ୍ରଖର ଧାର ନିମ୍ନକୁ ବହିଯାଉଛି । ସେଇ ପାଣି ଧାରରେ ବେଙ୍ଗ, ସାପ, କୁମ୍ଭୀରମାନେ ଖେଳୁଛନ୍ତି । ଛଉନାଚର କଳାକାରମାନେ ବିଭିନ୍ନ ପ୍ରକାରର ଅଙ୍ଗଭଙ୍ଗୀ ଓ ପଦପାତ ମାଧ୍ୟମରେ ଗଙ୍ଗାଜଳର ପ୍ରଖର ଧାରା ପୋଖରୀ, ଝରଣା ବା ବିଭିନ୍ନ ଜଳାଶୟରେ ପଡ଼ିବାର ଦୃଶ୍ୟକୁ ଅଭିନୟ ଦ୍ୱାରା ପ୍ରଦର୍ଶିତ କରନ୍ତି । ନାଚରେ ହାସ୍ୟ ଭାବର ପ୍ରକାଶ ପାଇଁ ଯେଉଁ ପାଦଗତି ଅଭିପ୍ରେତ ହୋଇଥାଏ ତାକୁ 'ଲହରା ଟବ୍‌କା' କୁହାଯାଏ । ନଈ ସୁଅର ପ୍ରତିକୂଳରେ ପବନ ବହିଲେ, ପାଣି ଫୁଲିଉଠେ । ନାଚରେ ଏହି ଭାବକୁ 'ଉସ୍‌କା ଟବ୍‌କା' କୁହାଯାଏ । ଠିକ୍ ସେମିତି 'ମୁଡ଼ା' ର ଅର୍ଥ ବର୍ଷାଦିନେ ଭରାନଦୀ ଜଳରେ ସୃଷ୍ଟି ହେଉଥିବା ଭଉଁରୀ କାଟି ସୃଷ୍ଟି ହେଉଥିବା ଢେଉ ଏବଂ ଏହି ଢେଉ ଦ୍ୱାରା ଭଉଁରୀ ଭିତରକୁ ପାଣି ମଧ୍ୟ ପଶେ । ଏହାକୁ ମୁଡ଼ା କୁହାଯାଏ । ତେଣୁ 'ମୁଡ଼ା ଟବ୍‌କା' , 'ଢେଉ ଟବ୍‌କା' ଓ 'ଉସ୍‌କା ଟବ୍‌କା' ପାଣିର ତିନିପ୍ରକାର ଗତିସୂଚକ ।

'ଉଫଲି' ର ଅର୍ଥ ଫଉଲିବା ବା ଫୁଲିବା । ଏହା ଉଗ୍ରତା ଭାବ ପ୍ରକାଶକ । ପାଣିରେ କୌଣସି ଏକ ପଦାର୍ଥ ପକାଇଲେ ତାହା ଟପ୍ କରି ବୁଡ଼ିଯାଇ ପୁଣି ଭାସି ଉଠେ । ଏହାକୁ 'ଉଫୁଲି' କୁହାଯାଏ । ଛଉନାଚରେ ୩୬ ପ୍ରକାର 'ଉଫୁଲି' ର ପ୍ରୟୋଗ କରାଯାଇଛି । ଏହି ଉଫୁଲି ଦୁଇ ଭାଗରେ ବିଭକ୍ତ, ଯଥା – (କ) କଲିଭଙ୍ଗା ବା କଲିକଟା ଉଫୁଲି, (ଖ) ହତିଆର ଧରା ଉଫୁଲି ।

ଛତିଶିଟି ଉଫୁଲି ମଧ୍ୟରୁ ଅଠରଟି 'କଲିଭଙ୍ଗା' ବା କଲିକଟା । ବାକି ଅଠରଟିର ନାମ 'ହତିଆର ଧରା' । ନାଚରେ କଲିଭଙ୍ଗା ଲାସ୍ୟଭାବ ପ୍ରକାଶକ । କଲିଭଙ୍ଗାର ଅର୍ଥ ବିଲରେ ଧାନ ରୋପଣ ପୂର୍ବରୁ ହିଡ଼ର କଡ଼କାଟି ସିଧା କରିବା । ଆଉ ଏକ ଅର୍ଥରେ ମଧ୍ୟ 'କଲିଧରା' ଆତ୍ମରକ୍ଷା ଭାବ ସହିତ ସମ୍ବନ୍ଧିତ । ଆତ୍ମରକ୍ଷା ନିମିତ୍ତ କରାଯାଉଥିବା ବିବିଧ ଶାରୀରିକ କୌଶଳ ଯାହାକୁ 'ଛଉ' ରେ 'କାଜି' କୁହାଯାଏ ସେସବୁ ରୌଦ୍ର ଭାବ ପ୍ରକାଶକ । ଯଥା – ଶୁନ୍‌ବାଜି, ଚକ୍ରବାଜି, ଠିଆବାଜି, ପାଖୁଆ ବାଜି, ଗାଡ଼ିବାଜି ଇତ୍ୟାଦି ।

## (୪)

ବର୍ତ୍ତମାନ ଛଉନୃତ୍ୟରେ ବାଦ୍ୟ ସମ୍ପର୍କରେ ଆଲୋଚନା କରିବା । ଛଉରେ 'ସରୁ ବାଜନା' ଓ 'ମୋଟା ବାଜନା' , 'ସୁଷିର' ଓ ଅବନଦ୍ଧ ବାଦ୍ୟଯନ୍ତ୍ର ବ୍ୟବହୃତ ହୋଇଥାଏ । ଛଉନାଚରେ ବାଦ୍ୟ ଛଅଟି ପର୍ଯ୍ୟାୟ ମଧ୍ୟ ଦେଇ ଗତି କରେ । ଯଥା – ୧. ଜୁଡନ, ୨. ରଂବାଦା, ୩. ଅସରାଲ ବା ଉପସ୍ଥାପନା ବାଜା, ୪. ଆସର ଚମକା, ୫. ବଡ଼ତାଳ, ୬. ନାଟକୀ ।

୧. ଜୁଡନ ବାଜା :

ନାଚ ଆରମ୍ଭ ହେବା ପୂର୍ବରୁ ଦର୍ଶର୍କମାନଙ୍କୁ ମଞ୍ଚ ପ୍ରତି ଆକର୍ଷର୍‌ିତ କରାଇଥାଏ । ନୃତ୍ୟଶିଳ୍ପୀମାନଙ୍କ ମନରେ ଏକ ଅଭୁତପୂର୍ବ ଶିହରଣ ସୃଷ୍ଟି କରିଥାଏ । ଏହା ଦ୍ୱିଧା ବିଭକ୍ତ । ଯଥା - (କ) ଆଲାପନା, (ଖ) ଧୁମାଳ ।

'ଧୁମାଳ' ତିନୋଟି ପର୍ଯ୍ୟାୟରେ ବିଭକ୍ତ ।

(କ) ଦେବସ୍ତୁତି ଧୁମାଳ

(ଖ) ଗୁରୁପ୍ରଣାବୀ ଧୁମାଳ

(ଗ) ରୁଦ୍ର ଧୁମାଳ

୨. ରଂବାଜା :

କଳାକାରମାନେ ମଞ୍ଚକୁ ଆସିବା ସମୟରେ ଏହି ବାଜା ବାଜିଥାଏ । ଏହା ଦୁଇ ପ୍ରକାରର । ଯଥା – ଦାବର ଓ ଚଲତି ।

୩. ଅସରାଲ୍ ବାଜା :

'ଅସଲା' ଶବ୍ଦର ଅର୍ଥ 'ଆରମ୍ଭ' । ନାଚ ଉପସ୍ଥାପନାରେ ସମତାଳରେ ଏହି ବାଜା ଗତିଶୀଳ ହୋଇଥାଏ ।

୪. ଆସରା ଚମକା ବାଜା :

ବିଷୟବସ୍ତୁ ଉପସ୍ଥାପନାର ଆରମ୍ଭରେ ଏହି ବାଜାବାଜେ ।

୫. ବଡ ତାଳ :

ବିଷୟବସ୍ତୁ ଶେଷ ହେବାକ୍ଷଣି ବାଜାର ମୋଡ ବଦଳେ । ଏହାକୁ ବଡ଼ତାଳ କୁହାଯାଏ । ବଡ଼ତାଳ ବାଜା ବାଜିବା ସମୟରେ ଛଉନାଚର ବିଷୟବସ୍ତୁ ସମାପ୍ତ ହୁଏ ।

୬. ନାଟକୀ :

ନାଚ ଯେତେବେଳେ ଚରମସୀମାରେ ପହଞ୍ôଚଯାଏ ତା’ ପରେ ତା’ ର ଅବରୋହଣ ଘଟେ । ନାଚ ଶେଷ କରିବାପାଇଁ ଯେପରି ବାଜା ମାଧ୍ୟମରେ କଳାକାରମାନଙ୍କର ସେତେ ବେଶୀ ସମ୍ପର୍କ ନଥାଏ ।

**(୫)**

ସଂପ୍ରତି ‘ଛଉନାଚ’ ଶାସ୍ତ୍ରୀୟ ନୃତ୍ୟର ମାନ୍ୟତା ଲାଭ କରିଅଛି । ଶିକ୍ଷିତ ସଭ୍ୟ ସମ୍ଭ୍ରାନ୍ତ ପରିବାର ହିଁ ଆଜି ଛଉନାଚକୁ ଆହୁରି ମର୍ଯ୍ୟାଦାବନ୍ତ ଓ ମାର୍ଜିତ କରିପାରିଛନ୍ତି । ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ହେଲା ଯେ ଏହାର ଆରମ୍ଭ ହୁଏ ରଂଗବାଜାରୁ । ଏହା ଅନ୍ତରାଳରେ ବଜାଯାଇଥାଏ । ପ୍ରତ୍ୟେକ ଚରିତ୍ର ସେମାନଙ୍କର ନିର୍ଦ୍ଦିଷ୍ଟ ବେଶଭୂଷାରେ ସଜ୍ଜିତ ହୋଇ ନିର୍ଦ୍ଦିଷ୍ଟ ଭାବରେ ମଞ୍ଚରେ ଆବିର୍ଭୂତ ହେବାପରେ ନାଚ ଆରମ୍ଭ ହୁଏ । ଏହା ଏକ ଆଙ୍ଗିକ ଅଭିନୟ ହୋଇଥିବାରୁ ଏଥିରେ ବାର୍ତିକ ଅଭିନୟ ଉପରେ ଗୁରୁତ୍ୱ ଦିଆଯାଏ ନାହିଁ । ଆଧୁନିକତାର ପ୍ରଭାବ ଏହି ନାଚ ଉପରେ ପଡ଼ିଥିଲେ ମଧ୍ୟ ପରମ୍ପରା ଓ ଆଞ୍ଚଳିକ ଲୋକସଂସ୍କୃତିକୁ ଏଥିରେ ଆଜି ମଧ୍ୟ ଗୁରୁତ୍ୱ ଦିଆଯାଇଛି । ‘ଛଉ’ ମୁଖ୍ୟତଃ ମୁକ୍ତାକାଶ ମଞ୍ଚରେ ପରିବେଷଣ କରାଯାଉଥିବାରୁ ଏଥିନିମନ୍ତେ ଏକ ଚାରିକୋଣିଆ ପ୍ରଶସ୍ତ ମାଟି ମଣ୍ଡପ କରାଯାଇଥାଏ । କଳାକାରମାନେ ବାଜା ସହିତ ତାଳ ଦେଇ ନାଚ ମଣ୍ଡପକୁ ଆସନ୍ତି । ମଣ୍ଡପର ଗୋଟିଏ ପାଖରେ ଏଇ ବାଦ୍ୟ ବଜାଳୀମାନେ ବସନ୍ତି । ଅପର ତିନିପାଖ ଦର୍ଶକମାନଙ୍କ ପାଇଁ ଉଦ୍ଦିଷ୍ଟ ଥାଏ । ଏହା ଏକ କଷ୍ଟସାଧ୍ୟ ନୃତ୍ୟ ହୋଇଥିବାରୁ ନାଚ ମଝିରେ ନର୍ତ୍ତକକୁ ବିଶ୍ରାମ ନେବାକୁ ପଡେ । ନାଚ ସମୟରେ କଳାକାର ଗୀତଗାଆନ୍ତି ନାହିଁ । ଏହା ଏକପ୍ରକାର ମୂକ ଅଭିନୟ । କିନ୍ତୁ ନେପଥ୍ୟ ସଂଗୀତ ସାହାଯ୍ୟରେ ଅଭିନୟ ଚାଲେ । କଳାକାରମାନଙ୍କର ଚାକଚକ୍ୟ ବର୍ଣ୍ଣାଢ୍ୟ ବେଶଭୂଷା, ଚିତ୍ତଉନ୍ମାଦ ସୃଷ୍ଟିକାରୀ ବାଜାର ଧ୍ୱନି ଦର୍ଶକ ପ୍ରାଣରେ ଉନ୍ମାଦନା ସୃଷ୍ଟି କରେ । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏକ ନିଜସ୍ୱ କଳାତ୍ମକ ବିଭାବ ହେଉଛି ‘ଛଉନାଚ’ । ଓଡ଼ିଆ ଲୋକନାଟକ ପରମ୍ପରାରେ ଏହା ମଧ୍ୟ ଏକ ସ୍ୱତନ୍ତ୍ର ବିଭବ । ଛଉନୃତ୍ୟକୁ ବାଦ୍‌ଦେଲେ ଓଡ଼ିଶାର ଲୋକନାଟକର ପରିକଳ୍ପନା କରାଯାଇପାରିବ ନାହିଁ ।

## References


(୧) Pani, Jiwan : Marg, Chhau special, P.131.

(୨) କବି, ଅତନୁ : ନବପତ୍ର, ପୃ.୬୮

(୩) କବି, ଅନୁ : ନବପତ୍ର, ପୃ.୬୭

(୪) (କ) ଲେଙ୍କା, ଭାଗବତ ପ୍ରସାଦ : ମୟୂରଭଞ୍ଜ ଇତିହାସ, ପୃ.୧୦୩-୦୪

(ଖ) ମହାନ୍ତ, ଅଦିକନ୍ଦ : ପୌରୁଷ, ୧୯୯୦, ଜାନୁଆରୀ, ଫେବୃଆରୀ ସଂଖ୍ୟା, ପୃ.୧୯

Mohapatra, Sitakanta, (1993) (ed) Chhau Dance, Vidyapuri, Cuttack

Vatsyana Kapila, (1980) Traditional Indian Theatre, Multiple streams, NBT, New Delhi.



### Funding

No funding was received for conducting this study.


### Does this article screened for similarity?

Yes

### Conflict of interest

The Author has no conflicts of interest to declare that they are relevant to the content of this article.


### About the License

© The author 2021. The text of this article is open access and licensed under a Creative Commons Attribution 4.0 International License



### Cite this Article

Bijayalaxmi Dash, The Origin and Development of Chhau Dance in Eastern India, Indian Journal of Multilingual Research and Development, Vol 2, Iss 2 (2021) 1-4. DOI: https://doi.org/10.34256/ijmrd2121